The Odisha Gazette

EXTRAORDINARY

PUBLISHED BY AUTHORITY

No. 914 CUTTACK, WEDNESDAY, MAY 29, 2019/JAISTHA 8, 1941

## ଓଡିଶା ସରକାର

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଅଧିସୂଚନା**

ନଥି ସଂ. IX(D)-6/2019-120

ତା.୧୯.୦୧.୨୦୧୯

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ନପଙ୍ଗା, ଥାନା – ରାମଚନ୍ଦ୍ରପୁର, ତହସିଲ-ଘସିପୁରା, ଜିଲ୍ଲା – କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୫୪ କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଵାରା ନିମ୍ନ ଅନୁସୂଚୀରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧୀସୂଚନା ଜାରି କରାଯାଉଅଛି ।

କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧୀକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୁଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟ ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ,

ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୭- ସାର୍ବଜନୀନ ଉଦ୍ଦେଶ୍ୟ ସ୍ୱରୂପ - ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୮- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – Executive Engineer Baitarani Division Salapada, Keonjhar.

୯- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତା କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୧୦- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୧୧- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲାପାଳ, ଆନନ୍ଦପୁର ।

୧୨- ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଂଚଳ/ ସହରାଂଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ୍ ରକବା (ଏକରରେ) | ଅଧିସୂଚୀତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | ନପଙ୍ଗା | ଗ୍ରାମାଂଚଳ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ୦.୯୦ | ୦.୫୪ | ଏଥିସହ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ ୦.୦୦ କର ସଂରକ୍ଷିତ ଗୋଚର ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲିପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ :- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ

ମୌଜା :- ନପଙ୍ଗା

ଥାନା :- ରାମଚନ୍ଦ୍ରପୁର

ତହସିଲ :- ଘସିପୁରା

ଭୂ-ଅର୍ଜନ ମାମଲା ସଂ :- ୦୬/୨୦୧୮

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୫୦ | ଗୋବିନ୍ଦସେନାପତି, ପି-ସିବ ସେନାପତି,ବା-ମୁକୁନ୍ଦପୁର,ଜି-କଟକ,ଜା-ପାଟରା | ୧୯୮ | ଶାରଦ-୨ | ୦.୩୧ | ୦.୦୨ | |
| ୨ | ୩୧ | ଗାଣ୍ଡୁ ସେଠି,ପି-ସପନି ସେଠି,ବା-କଇଥ ପାଟଣା,ଜା-ଧୋବା | ୧୯୯ | ବାଜେଫସଲ-୨ | ୦.୧୩ | ୦.୧୩ | |
| ୩ | ୩୧ | କୃଷ୍ଣ ନାୟକ,ନବ ନାୟକ,ପି-ବାଇଧର ନାୟକ,ବା-କଇଥପାଟଣା,ଜା-ଜ୍ୟୋତିଷ | ୨୦୦ | ବାଜେଫସଲ-୨ | ୦.୧୩ | ୦.୧୩ | |
| ୪ | ୧୩୦ | ବାବାଜି ସାହୁ, ମଣି ସାହୁ, ପି- ବାସୁ ସାହୁ, ସୁଭଦ୍ର ସାହୁ, ସ୍ୱା- ବାସୁ ସାହୁ, ନିଶାକର ସାହୁ, କାଳି ସାହୁ, ପି-ହାଡି ସାହୁ, ଚୈତନ ସାହୁ, ପଂଚୁ ସାହୁ, କାର୍ତିକ ସାହୁ, ପି- ବୈଷ୍ଣବ ସାହୁ, କିର୍ତନ ସାହୁ, ବିର ସାହୁ, ଯୁଜେଷ୍ଠି ସାହୁ, ଶ୍ରୀଧର ସାହୁ, ପି-କାଙ୍ଗାଳି ସାହୁ, ଜନନି ବେୱା, ସ୍ୱା-କାଙ୍ଗାଳି ସାହୁ, ବା-ବାଲିବରୁଆଁ, ଜା-ତେଲି | ୨୦୨ | ପାଳ-୧ | ୦.୧୦ | ୦.୧୦ | |
| | | | ୨୦୩ | ପାଳ-୧ | ୦.୧୦ | ୦.୧୦ | |
| ୫ | ୨୦୩ /୯୯ | ଗୋବିନ୍ଦ ଚନ୍ଦ୍ର ସାହୁ, ପି-ବାବାଜୀ ସାହୁ,ବାଲିବରୁଆଁ,ଜା-ତେଲି | ୨୦୪/୧ ୧୦୦ | ପାଳ-୧ | ୦.୧୦ | ୦.୦୬ | |
| | | **ମୋଟ** | | | ୦.୯୦ | ୦.୫୪ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଆଶିଷ ଠାକରେ**

ଜିଲ୍ଲାପାଳ, କେନ୍ଦୁଝର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 245—173+15